## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

ଚମ୍ପୁଆ,୨୫।୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଷ୍ଟେଟ୍ ବ୍ୟାଙ୍କ ନିକଟ ଏଟିଏମ୍‌ରୁ ଲୁଟ ଉଦ୍ୟମ ହୋଇଛି। ସ୍ଥାନୀୟ ଲୋକ ଉଠି ପଡ଼ିଥିବାରୁ ଦୁର୍ବୃତ୍ତ ଖସି ପଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ରାତି ୨ ଟା ସମୟରେ ଦୁର୍ବୃତ୍ତମାନେ ଷ୍ଟେଟ୍ ବ୍ୟାଙ୍କକୁ ଲାଗି ରହିଥିବା ଏଟିଏମ୍ ଘରର ସଟର ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରୁଥିଲେ। ଏକ ମୋଟା ଚେନ ଦ୍ୱାରା ଏଟିଏମ୍ ମେସିନକୁ ବାନ୍ଧି ଉପାଡ଼ିବାକୁ ଚେଷ୍ଟା କରିଥିଲେ। ସଟର ଭାଙ୍ଗୁଥିବା ଶବ୍ଦ ଶୁଣି ନିକଟ ଘରର ଲୋକେ ଉଠି ପଡ଼ିବାରୁ ଦୁର୍ବୃତ୍ତ ପଳାଇଥିଲେ। ଏ ନେଇ ଚମ୍ପୁଆ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ଏକ ମାମଲା(ନଂ. ୯୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୨ ଦିନ ତଳେ ରିମୁଳି ଛକ ନିକଟରେ ଥିବା ମୋବାଇଲ ଦୋକାନରୁ ଲୁଟ୍ ହୋଇଥିଲା। କିଛିଦିନ ତଳେ ଚମ୍ପୁଆ ପୋଲିସ ୧୦ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନେ ଏଟିଏମ୍ ଏବଂ ବ୍ୟାଙ୍କ ଲୁଟିବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଏସଡିପିଓ ବିଜୟ ମଲ୍ଲିକ ସୂଚନା ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୨୫।୨(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ବାଂଖିଡ଼ି ଛକଠାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ହରିଚନ୍ଦନପୁର ଥାନା ବାଉଁଶଗଡ଼ିଆର ଦେବକିଶୋର ନାୟକ(୨୭)। ସେ ପିଉସୀ ସୁକାନ୍ତି ନାଇକଙ୍କ ଗାଁ କୋଡ଼ପଡ଼ା ପଞ୍ଚାୟତର ଯୋଡ଼ାଗଡ଼ିଆକୁ ଅଷ୍ଟପ୍ରହରୀରେ ଯୋଗ ଦେବାକୁ ଆସିଥିଲେ। କୌଣସି କାମରେ ବାଇକ୍ ଯୋଗେ ବାଂଖିଡ଼ି ଛକକୁ ଆସୁଥିବା ବେଳେ ରାସ୍ତାରେ ଶୋଇଥିବା ଷଣ୍ଢକୁ ଧକ୍କା ଦେଇଥିଲେ। ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଆନନ୍ଦପୁର ପୋଲିସ ପହଞ୍ଚି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଟି ରାତି ୧୦ ଟାରୁ ୧୧ ଟା ମଧ୍ୟରେ ହୋଇଥିବା ତାଙ୍କ ଶ୍ୱଶୁର ଅଲେଖ ନାଇକ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

### ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

ବାସୁଦେବପୁର, ୨୫।୨ (ନାରାୟଣ ପ୍ରସାଦ ବାରିକ୍)–ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ୪୧୯୭ ନୂତନ ହିତାଧିକାରୀଙ୍କୁ ରବିବାର ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଜିଲାରେ ସର୍ବାଧିକ ସଂଖ୍ୟାରେ ଭତ୍ତା ବାସୁଦେବପୁର ବ୍ଲକ ପାଇଁ ଅନୁମୋଦନ ହୋଇଥିବାରୁ ବିଧାୟକ ଓ ହିତାଧିକାରୀମାନେ ଖୁସି ପ୍ରକଟ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭାରଞ୍ଜିତା ପୁହାଣ, ପିଇଓ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ମଲିକ ଉପସ୍ଥିତ ଥିଲେ।

# ୧୪୪୯ଜଣ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଭଦ୍ରକ,୨୫।୨ (ସନାତନ ରାଉତ)

ଶିକ୍ଷା ବିନା ମଣିଷ ପଶୁ ପାଲଟି ଯାଏ। ଶିକ୍ଷା ଦ୍ୱାରା ସମାଜର ସାମଗ୍ରିକ ବିକାଶ ହୋଇଥାଏ। ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଶିକ୍ଷକଙ୍କ ଉପରେ ନିର୍ଭର କରେ ବୋଲି ରବିବାର ଭଦ୍ରକ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ତଥା 'ମୋ ସ୍କୁଲ'ର ଜିଲା ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା,



ଅତିଥିଙ୍କ ସହ ପୁରସ୍କାର ପାଇଥିବା ଛାତ୍ରୀଛାତ୍ର।

ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ସମୁଦାୟ ୧୪୪୯ଜଣଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୧୧୨ ଜଣଙ୍କୁ ହାଇସ୍କୁଲ ସ୍ତରୀୟ ଏବଂ ୭୦୭ ଜଣଙ୍କୁ ବ୍ଲକସ୍ତରୀୟ ଷ୍ଟୁଡେଣ୍ଟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୫୬୪ ଜଣଙ୍କୁ ବିଦ୍ୟାଳୟସ୍ତରୀୟ ଷ୍ଟୁଡେଣ୍ଟ ଲିଡରଶିପ୍ ପୁରସ୍କାର ପ୍ରଦାନ କରାଯାଇଛି। ବ୍ଲକସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ୭ ଜଣ, ବ୍ଲକସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ୧୫ଟି, ହାଇସ୍କୁଲସ୍ତରୀୟ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ୫ଜଣ, ୨୧ଟି ବ୍ଲକସ୍ତରୀୟ ସେକେଣ୍ଡାରୀ ସ୍କୁଲକୁ ପୁରସ୍କୃତ କରାଯାଇଛି। ସେହିପରି ବନ୍ତର ଛୟାଳସିଂହ, ଧାମନଗରର ସରାଇ ଚୁଡ଼ାକୁଟି, ବାସୁଦେବପୁରର ପଦ୍ମପୁର, ଭଣ୍ଡାରିପୋଖରୀର ପାଟୁଳି, ଭଦ୍ରକର ଜଗଦଳପୁର, ୫ ପଞ୍ଚାୟତର ସରପଞ୍ଚ, ୭ ସ୍କୁଲ ପରିଚାଳନା କମିଟି ଓ ୬ ଆଲୁମ୍‌ନି କମିଟିକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଜିଲା ଶିକ୍ଷାଧିକାରୀ ଅକ୍ରୁର ଚରଣ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଡ. ମାୟାଧର ସାହୁ ଓ ପ୍ରଣୟ କୁମାର ନାୟକ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରତି ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ।



କେନ୍ଦୁଝରଗଡ ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ବୈତରଣୀ କ୍ରିକେଟ୍ କ୍ଲବ୍ ଟୁର୍ନାମେଣ୍ଟ | ଡୁରୁମୁଙ୍ଗା ଏକାଦଶ ଚାମ୍ପିୟନ

ପାଟଣା,୨୫।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ବୈତରଣୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଡୁରୁମୁଙ୍ଗା ଏକାଦଶ ଚାମ୍ପିୟନ ହୋଇଛି। ଡୁରୁମୁଙ୍ଗା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ୍ ହରାଇ ୧୯୩ ରନ୍ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରି କଇଣ୍ଡା ଏକାଦଶ ୭ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୩୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ବୁଦ୍ଧୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ ବାଦଲ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ଇଂ. ବିନୋଦ ବିହାରୀ ନାଏକ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଶରତଜ୍ୟୋତି କର, ପ୍ରତାପ ଚନ୍ଦ୍ର ରଣା, ଅବନୀ ଚନ୍ଦ୍ର ନାୟକ, ମୃତ୍ୟୁଞ୍ଜୟ ପାଣି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ରାଜ୍ୟସ୍ତରୀୟ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ | ଟ୍ରଫି ଜିତିଲା କଟକ ନିମପୁର ସ୍ପୋର୍ଟ୍ସ

ଧାମନଗର, ୨୫।୨ (ଦେବେନ୍ଦ୍ର ଆଢ଼ିଆ)–ଭଦ୍ରକ ଜିଲା ଧାମନଗର ବ୍ଲକର ସୋଧ ଧରମ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ଫାଇନାଲ ମ୍ୟାଚ୍। ଏଥିରେ ବାରିପଦା ଡିଆର୍‌କେକୁ ହରାଇ କଟକ ନିମପୁର ସ୍ପୋର୍ଟ୍ସ ଚାମ୍ପିୟନ ହୋଇଛି। ପ୍ରଥମେ ନିମପୁର ସ୍ପୋର୍ଟ୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଡିଆର୍‌କେ ବାରିପଦା ୧୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ୍ କରି ରନରଅପ୍ ହୋଇଥିଲା। ଅମ୍ପାୟର ଭାବେ ପ୍ରାଣନାଥ ଜେନା ଓ ଶରତ ଜେନା ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଥିଲେ ପ୍ରଦୀପ ଆଢ଼ିଆ ଓ ଦୀପକ ଖଟୁଆ। ଜ୍ଞାନରଞ୍ଜନ ଘଡ଼ାଇ ଓ ଅନିଲ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ



ଅତିଥିଙ୍କ ସହ ଚାମ୍ପିୟନ ଟିମ୍।

ସଭାରେ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଆମ ଓଡ଼ିଶା ନବୀନ ଓଡ଼ିଶାର ଭଦ୍ରକ ଜିଲା ସଂଯୋଜକ ଡା. ସଞ୍ଜୟ ଦାସ, ଅଶୋକ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ନିମପୁର ସୋର୍ଟ୍ସର ଅବିନାଶ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଜାହିର ୱାରିସ ମ୍ୟାନ୍ ଅଫ୍ ଦି ସିରିଜ, ଅନିଲ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ୍, ମୋହିତ ଜୈନ ବେଷ୍ଟ ବୋଲର, ପ୍ରତିପାଲ ସିଂ ବେଷ୍ଟ ଉଇକେଟକିପର, ବେଷ୍ଟ କ୍ୟାଚର୍ ମେରୀ ଲୋକନାଥ ଏବଂ ଏମ୍ ଡି ଡାନିସଙ୍କୁ ବେଷ୍ଟ ଫିଲ୍ଡର ପୁରସ୍କାର ପ୍ରଦାନ କରାଯାଇଥିଲା।

### ଦିନ ଦ୍ୱିପ୍ରହରରେ କଳାକନା ବୁଲାଇଲେ ନେଇଗଲେ ୧୫ ଭରି ସୁନା, ନଗଦ ୨୦ହଜାର

ଜଳେଶ୍ୱର,୨୫।୨(ରବିନାରାୟଣ ପାତ୍ର)
ଜଳେଶ୍ୱର ରେଳ ଷ୍ଟେଶନ ପୂର୍ବପଟ ପଥରପୁରାର ମାଲାଗୋଦାମ ଅଞ୍ଚଳରେ ରହୁଥିବା ହରେନ୍ଦ୍ର ନାଥ ବେହେରାଙ୍କ ଘରୁ ୧୫ ଭରି ସୁନା ଓ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଯାଇଛି। ହରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଉଭୟେ ଶିକ୍ଷକ ଥିବାରୁ ଶନିବାର ସକାଳ ୬ଟାରେ ବିଦ୍ୟାଳୟକୁ ଚାଲିଯାଇଥିଲେ। ଏକମାତ୍ର ପୁଅ ଆଦର୍ଶ ବିଦ୍ୟାଳୟକୁ ୯ଟାରେ ବାହାରି ଗଲାବେଳେ ମୁଖ୍ୟ କବାଟ ଓ ପାଚେରି ଗେଟରେ ତାଲା ପକାଇ ଯାଇଥିଲେ। ଉଭୟେ ଦମ୍ପତି ଅପରାହ୍ନ ୧ଟାରେ ବିଦ୍ୟାଳୟରୁ ଫେରି ସବୁ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଆଲମାରୀ ଓ ବାକ୍ସ ଭାଙ୍ଗି ୧୫ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରି ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଦୁର୍ବୃତ୍ତମାନେ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି ।

### ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ଧାମନଗର, ୨୫।୨ (ଦେବେନ୍ଦ୍ର ଆଢ଼ିଆ)–ଭଦ୍ରକ ଜିଲା ଧାମନଗର ବ୍ଲକର ପଧାନି ପଞ୍ଚାୟତରେ ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି। ଏହାସହ ଦଶନ୍ଧିକୂଳଠାରେ ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରି ଅନ୍ୟ ଏକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସରପଞ୍ଚ ତଥା ଭାଜପା ନେତା ଅଶୋକ ପୁହାଣଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ମୁକୁନ୍ଦଦେବ ମଣ୍ଡଳ ଭାଜପା ସଭାପତି ରମେଶ ଚନ୍ଦ୍ର ପତି, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ଯୁବନେତା ଶ୍ରୀକାନ୍ତ ନାୟକ, ଇଂ. ରୁଦ୍ରନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ନାରାୟଣ ବେହେରା, ମାନସ ଭୂୟାଁ, ତାପସ ମହାପାତ୍ର, ସୂର୍ଯ୍ୟମଣି ପୁହାଣ, ସନ୍ତୋଷ ନାୟକ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ବିଧାୟକଙ୍କୁ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଝୁମିଲେ ବସ୍ତିବାସିନ୍ଦା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ଥାନୀୟ ଲୋକେ ନାଚି ମଜା କରୁଛନ୍ତି।

ଯୋଡ଼ା,୨୫।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ୯ ନମ୍ବର ୱାର୍ଡରେ ଥିବା ଗୋପ ମହାନ୍ତି ହଟିଂ ହାଇସ୍କୁଲ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ବସ୍ତି ବାସିନ୍ଦା ନାଚ ଗୀତରେ ଝୁମିଥିଲେ। ଶିଶୁ, ମହିଳା, ଯୁବକ, ବୃଦ୍ଧ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଖେଳ କୁଦ, ନୃତ୍ୟ, ଚିତ୍ରାଙ୍କନ, ଗୃହିଣୀମାନଙ୍କ ପାଇଁ ମ୍ୟୁଜିକ ଚେୟାର ମୁଖ୍ୟ ଆକର୍ଷଣ ଥିଲା। ପାଲା ପରିବେଷଣ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ବସ୍ତି ବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାର ନେଇଥିବା ସଂକଳ୍ପର ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଡ଼ା ପୌର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ନିମନ୍ତ୍ରିତ ଅତିଥିଭାବେ ମୁକେଶ ଜୈନ, ୯ ନଂ. ୱାର୍ଡ ଅଫିସର ଗୌରାଙ୍ଗ ଗୋପ, ମାୟା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଲମ ଡେଭଲପମେଣ୍ଟ ଆସୋସିଏସନର ଅଧ୍ୟକ୍ଷ ସ୍ୱପ୍ନ ଦାଶଗୁପ୍ତା, ସମ୍ପାଦିକା ଜ୍ୟୋତି କାରୁଆ ପରିଚାଳନା କରିଥିଲେ।

### ଅବିବାହିତା ଯୁବତୀ ଛାଡ଼ିଯାଇଥିବା ଶିଶୁଙ୍କ ମୃତ୍ୟୁ

କେନ୍ଦୁଝର,୨୫।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ ମନୋଜ ମଞ୍ଜରୀ ଶିଶୁ ଭବନରେ ଶନିବାର ଏକ ୩ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଶିଶୁଟିକୁ ଜଣେ ଅବିବାହିତା ଯୁବତୀ ଛାଡ଼ି ଯାଇଥିବା ବେଳେ ପରେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହାର ଠିକ୍ କାରଣ ଜଣାପଡ଼ି ନ ଥିବା ବେଳେ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଝୁମ୍ପୁରା ଅଞ୍ଚଳର ଜଣେ ଅବିବାହିତା ଯୁବତୀ ଏକ ଶିଶୁ ପୁତ୍ରକୁ ଗତ ନଭେମ୍ବର ମାସରେ ଜନ୍ମ ଦେଇଥିଲେ। ସେ ବିବାହ କରି ନ ଥିବାରୁ ଶନିବାର ଆଇନ ଅନୁଯାୟୀ ମନୋଜ ମଞ୍ଜରୀ ଶିଶୁ ଭବନରେ ଶିଶୁଟିକୁ ଛାଡ଼ି ଯାଇଥିଲେ। ତେବେ ପ୍ରାୟ ୪ ଘଣ୍ଟା ପରେ ଅସୁସ୍ଥ ହେବାରୁ ଶିଶୁଟିକୁ ଜିଲା ମୁଖ୍ୟାଳୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରିବା ବେଳେ ଶିଶୁଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏ ନେଇ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର କହିଛନ୍ତି, ଶିଶୁ ଗ୍ରହଣର ୨୪ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନିୟମ ରହିଛି। ଗ୍ରହଣ ସମୟରେ ଶିଶୁଟି ସୁସ୍ଥ ଥିଲା। ଏଣୁ ୪ ଘଣ୍ଟା ପରେ ଶିଶୁଟିକୁ ମେଡିକାଲ ନିଆଯାଇଥିଲା। ସେଠାରେ ତାର ମୃତ୍ୟୁ ଘଟିଥିଲା। ଚିକିତ୍ସା କରିଥିବା ଡାକ୍ତର ବିଜୟ କେତନ ବେହେରା କହିଛନ୍ତି, ଶିଶୁର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ସଠିକ୍ କାରଣ ଜଣାପଡ଼ିବ। ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ବିଭୂତି ଦାଶ କହିଛନ୍ତି, ଶିଶୁଟିକୁ ନୀତି ନିୟମ ଅନୁଯାୟୀ ଶିଶୁ ଭବନକୁ ହସ୍ତାନ୍ତର କରାଯାଇଥିଲା। ଡାକ୍ତରୀ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

### ଭାଷା, ସଂସ୍କୃତି ସୁରକ୍ଷା ପାଇଁ ସେଙ୍ଗେଲ ପକ୍ଷରୁ ଜନସଭା

ଖୁଣ୍ଟା,୨୫।୨(ଦେବରଞ୍ଜନ ବେହେରା)

ଖୁଣ୍ଟା ବ୍ଲକ୍ ଅଧୀନ ବାହାନଡ଼ାଠାରେ ଆଦିବାସୀ ସମାଜର ଭାଷା, ଜାତି, ଧର୍ମ ଓ ସଂସ୍କୃତିର ସୁରକ୍ଷାକୁ ସେଙ୍ଗେଲ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବରେ ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁ, ମୁଖ୍ୟ ବକ୍ତାଭାବରେ ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷି ବ୍ଲକ୍ ସେଙ୍ଗେଲ ସଭାପତି ମଙ୍ଗଲ ମୁର୍ମୁ, ବାହାନଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନେଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ସମାଜର ଭାଷା, ସଂସ୍କୃତି, ଆଦି ସୁରକ୍ଷା ଉପରେ ଆଲୋକପାତ କରିବା ସହ ସାରନା ଧର୍ମ କୋର୍ଡ଼ ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ସେଙ୍ଗେଲ ପକ୍ଷରୁ ୩୧ ମାର୍ଚ୍ଚ ୨୦୨୪ ସୁଧା ସରକାର ଏହା ଘୋଷଣା କରିବା ପାଇଁ ଦାବି କରାଯାଇଛି। ନଚେତ ୭ ଏପ୍ରିଲରେ ଭାରତ ବନ୍ଦ ପାଇଁ ସଂଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଥିବା ନେତୃଗଣ ଉପସ୍ଥିତ ଜନସାଧାରଣଙ୍କୁ ସୂଚାଇଥିଲେ। ସଭାରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ମାଝୀ ବାବା, ମହିଳା, ପୁରୁଷ ଓ ଆଦିବାସୀ ସଂଗଠନର ସଦସ୍ୟ ଯୋଗ ଦେଇଥିଲେ।

# ଆନ୍ତଃରାଜ୍ୟ ପୋଲିସ ଅଧିକାରୀଙ୍କ ବୈଠକ

ଜଳେଶ୍ୱର,୨୫।୨(ନବୀନ ସାହୁ)

୨୦୨୪ ସାଧାରଣ ନିର୍ବାଚନରେ ହିଂସା ଏବଂ ଚୋରା କାରବାର ରୋକିବା ପାଇଁ ରବିବାର ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଓଡ଼ିଶା ଓ ପଶ୍ଚିମବଙ୍ଗ ପୋଲିସ ପ୍ରଶାସନିକ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ରାଜ୍ୟର ୧୨ଜଣ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ବିଷୟରେ ଆଲୋଚନା କରିଥିଲେ। ଜଳେଶ୍ୱର ଓ ଭୋଗରାଇ ନିର୍ବାଚନ ମଣ୍ଡଳୀର ୮୨ ଗ୍ରାମ ପଶ୍ଚିମବଙ୍ଗ ସୀମାକୁ ଲାଗିଛି। ଉଭୟ ରାଜ୍ୟ ସୀମା ବିବାଦ ସମାଧାନ ମଧ୍ୟ ହୋଇନାହିଁ। ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଯେପରି କୌଣସି ପ୍ରକାର ହିଂସା ଓ ଚୋରା କାରବାର ନ ହୁଏ ସେଥିପାଇଁ ଉଭୟ ରାଜ୍ୟର ପ୍ରଶାସନ ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। କୌଣସି ରାଜ୍ୟରେ ଅପ୍ରୀତିକର ଘଟଣା ଘଟିଲେ ଉଭୟ ରାଜ୍ୟର ପୋଲିସ ଓ ପ୍ରଶାସନ ସହଯୋଗ କରିବେ ବୋଲି ଆଲୋଚନାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମୁଖତଃ ଓଡ଼ିଶାର ଲୋକେ ଗଣ୍ଡଗୋଳ କରି ପଶ୍ଚିମବଙ୍ଗରେ ଆତ୍ମଗୋପନ କରୁଥିଲେ ଏବଂ ପଶ୍ଚିମବଙ୍ଗର ଲୋକେ ଗଣ୍ଡଗୋଳ କରି ଓଡ଼ିଶାରେ ଲୁଚି ରହୁଥିଲେ ସେମାନଙ୍କୁ ଧରାଇ ଦେବାପାଇଁ ଆଲୋଚନା ହୋଇଥିଲା। ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ୧୦ଟି ନାକା ପଏଣ୍ଟ କରାଯାଇଥିବା ଏସ୍‌ଡିପିଓ ସାହୁ କହିଛନ୍ତି। ବୈଠକରେ ପୂର୍ବ ମେଦିନିପୁର ଓ ପଶ୍ଚିମ ମେଦିନିପୁର ଜିଲାର ୪ ଏସ୍‌ଡିପିଓ ଓ ୩ ଇନ୍ସପେକ୍ଟରଙ୍କ ସମେତ ଜଳେଶ୍ୱର, ରାଇବଣିଆ, କମର୍ଦା, ଭୋଗରାଇ, ତାଳସାରୀ ମେରାଇନ ଥାନା ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଉଭୟ ରାଜ୍ୟର ପୋଲିସ ଅଧିକାରୀମାନେ।

# ଭାଜପା,କଂଗ୍ରେସର ଆନ୍ଦୋଳନ ଚେତାବନୀ

### ଏନ୍‌ଏସି ଘୋଷଣାରୁ ଖଇରା ବାଦ୍ ପଡ଼ିବା ଘଟଣା

ଖଇରା,୨୫।୨(ଉତ୍କଳବନ୍ଧୁ ପଣ୍ଡା)

ଏନ୍‌ଏସି ଘୋଷଣା ଅପେକ୍ଷାରେ ଥିବା ବାଲେଶ୍ୱର ଜିଲା ଖଇରା ତାଲିକାରୁ ବାଦ୍ ପଡ଼ିବା ପରେ ଏହାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରତିକ୍ରିୟା ଜାହିର କରାଯାଇଛି। ଭାଜପା ନେତା ପଦ୍ମଲୋଚନ ପଣ୍ଡା ଓ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଦ୍ୱାରା ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ମିଳନୀରେ ଖଇରା ବ୍ଲକ ବାଦ ପଡ଼ିବା ନେଇ ରାଜ୍ୟ ସରକାର ତଥା ଶାସକ ଦଳର ସ୍ଥାନୀୟ ନେତାଙ୍କୁ ଦାୟୀ କରିଛନ୍ତି। ଯଦି ଖଇରା ବ୍ଲକ ପ୍ରତି ଶାସକ ଦଳର ଆନ୍ତରିକତା ଅଛି ତେବେ ନିର୍ବାଚନ ପୂର୍ବରୁ ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରି ଦେଖାନ୍ତୁ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଅନ୍ୟଥା ହଜାର ହଜାର ଭାଜପା କର୍ମୀଙ୍କୁ ନେଇ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।





ଆନ୍ଦୋଳନ ସମ୍ପର୍କରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଏନ୍‌ଏସି ଘୋଷଣା ହେବା ପର୍ଯ୍ୟନ୍ତ ଦଳ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରିବ ବୋଲି ଚେତାବନୀ ଦେଇଛନ୍ତି। ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଓ ପତିତପାବନ କର, ସମ୍ପାଦକ ନୀଳାମ୍ବର ପଣ୍ଡା, ସରପଞ୍ଚ ଦୟାନିଧି ନାୟକ, ନିରଞ୍ଜନ ବେହେରା, ମାୟାଧର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ଼ ମଧ୍ୟ ଏଭଳି ବୈମାତୃକ ଭାବ ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଖଇରାବାସୀ ଏହାର ଜବାବ ଦେବେ ବୋଲି କହିଥିଲେ। କଂଗ୍ରେସ ପକ୍ଷରୁ ବଣପାରିଆ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ ଅସନ୍ତୋଷ ଜାହିର କରିଛନ୍ତି। ୨୨ପଞ୍ଚାୟତକୁ ନେଇ ଗଠିତ ସିମୁଳିଆ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯିବାରେ ମନା ନାହିଁ କିନ୍ତୁ ୩୭ ପଞ୍ଚାୟତକୁ ନେଇ ଗଠିତ ଖଇରା ବ୍ଲକକୁ ଯେଭଳି ଭାବେ ଉପେକ୍ଷା କରାଗଲା ଖଇରା ଭୋଟର ଏହାର ଜବାବ ଦେବେ। ଏହା ପ୍ରତିବାଦରେ କଂଗ୍ରେସ ଖଇରାର ସମସ୍ତ କର୍ମୀଙ୍କୁ ଏକଜୁଟ କରି ହିମାଂଶୁ ବେହେରାଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇବା ସହ ଦଳୀୟ ଫୋରମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା, ଜିଲା ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଅଭିମନ୍ୟୁ ପରମାଣିକ, ପ୍ରଫୁଲ୍ଲ ବଳବନ୍ତରାୟ, ଗଜେନ୍ଦ୍ର ସେଠୀ, ବେଣୁଧର ରାଉତ, ପରମେଶ୍ୱର ମହାପାତ୍ର, ପାର୍ଥସାରଥୀ ଜେନା, ବସନ୍ତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍ ଧକ୍କାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ଜଳେଶ୍ୱର,(ରବିନାରାୟଣ ପାତ୍ର): ଜଳେଶ୍ୱର ଦେବୀ ପେଟ୍ରୋଲପମ୍ପ ନିକଟରେ ଶନିବାର ରାତିରେ ଟ୍ରେନ୍ ଧକ୍କାରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରତାଇ ଗ୍ରାମର ଶମ୍ଭୁନାଥ ରାଉତ। ଜଳେଶ୍ୱର ନୂଆବଜାର ନିକଟରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ କାମରେ ସେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ।

**ବାଲେଶ୍ୱର**

## ‘ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଯତ୍ନବାନ ହେବା ଦରକାର’

ଖଇରା,୨୫।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ନଟାପଡ଼ାସ୍ଥିତ ସାଇ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ମାଳତୀ ସେଠୀ ଓ ସମିତି ସଭ୍ୟା ନର୍ମଦା ଦେଓଙ୍କ ସମେତ ପୂର୍ବତନ ଶିକ୍ଷକ ଶିବପ୍ରସାଦ ମହାନ୍ତି ଓ ପୀତାମ୍ବର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମଞ୍ଜରୀ ରାଉଳ ଓ ସହକାରୀ ଶିକ୍ଷୟିତ୍ରୀ ଅଞ୍ଜଳୀ ଜେନା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ପୀତାମ୍ବର ମହାପାତ୍ର ବିବରଣୀ ପାଠ କରିଥିଲେ। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଏକାଠି ହେଲେ ଅସନ୍ତୁଷ୍ଟ ବରିଷ୍ଠ ନେତା

**ଭୋଗରାଇ ଭାଜପା**

ଭୋଗରାଇ,୨୫।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଭାଜପାର ବରିଷ୍ଠ ନେତାମାନେ ଖୋଲାଖୋଲି ଭିନ୍ନ ସ୍ୱର ଉଠାଇଲେଣି। ବରିଷ୍ଠଙ୍କ ଏଭଳି ମେଳି ଦେଖି ଦଳର ନବୀନ ନେତାମାନେ ଆଶଙ୍କିତ ହୋଇପଡ଼ିଛନ୍ତି। ୨୦୧୭ଠାରୁ ଦଳର ନେତୃତ୍ୱ ପରିବର୍ତ୍ତନ ଦାବିରେ ଭୋଗରାଇ ଭାଜପାର ବରିଷ୍ଠଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଦୀର୍ଘଦିନ ହେଲା ବରିଷ୍ଠଙ୍କୁ ଅଣଦେଖା କରାଯାଇ ନବୀନ ନେତାମାନେ ମନମୁଖୀ କାର୍ଯ୍ୟ କରି ଆସୁଛନ୍ତି। ବରିଷ୍ଠମାନେ ମିଳିମିଶି ଦଳୀୟ ନିର୍ବାଚନ ରଣକୌଶଳ ସ୍ଥିର କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗତ ଶୁକ୍ରବାର ଭୋଗରାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଆକ୍ସିସ ବ୍ୟାଙ୍କ ଉପର ମହଲାରେ ବରିଷ୍ଠମାନଙ୍କ ବଡ଼ଧରଣର ମେଳି ଓ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗ୍ୟ ବ୍ୟକ୍ତିଙ୍କୁ ଦଳୀୟ ଟିକେଟ ଦେବାକୁ ଜିଲା ଓ ରାଜ୍ୟ ନେତାଙ୍କଠାରେ ଦୃଢ଼ ଦାବି ରଖି ରଖିବାକୁ ନିଷ୍ପତ୍ତି ହୋଇଥିଲା।


ବୈଠକରେ ଉପସ୍ଥିତ ଭାଜପାର ବରିଷ୍ଠ ନେତାମାନେ।

ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଭବଶଙ୍କର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପରେଶ ଚନ୍ଦ୍ର ନାୟକ, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁନୀଲ କୁମାର କର, ପୂର୍ବତନ ମଣ୍ଡଳ ସଭାପତି ରାଜକୁମାର ଦାସ, ଅମଳେନ୍ଦୁ ଦାସ, ଭବାନୀଶଙ୍କର ନନ୍ଦୀ, ନିଶେଷ କୁମାର ଦେବ, ବରିଷ୍ଠ ନେତା ସୁବାସ ଚାନ୍ଦ, ଶ୍ରୀପତି ବାରିକ, ଉଦୟ ହରି ଦତ୍ତ, ନୀଳକଣ୍ଠ ଘୋଷ, ଦେବବ୍ରତ ଜେନା, ବଂଶୀଧର ସାହୁ ପ୍ରମୁଖ ବହୁ ଛାମୁଆ ନେତା ପ୍ରଧାନମନ୍ତ୍ରୀଙ୍କ ମୋଦି ଗ୍ୟାରେଣ୍ଟି ଓ ଜନସ୍ୱାର୍ଥ ଯୋଜନା କାର୍ଯ୍ୟକାରୀ ସମ୍ପର୍କରେ ଗାଁକୁ ଚାଲ ଅଭିଯାନ ଆରମ୍ଭ କରି ଜନସାଧାରଣଙ୍କୁ ସଚେତନ କରିବାକୁ ଭାଜପା ପତାକା ତଳେ ଏକ ହେବାକୁ ନାରା ଦେଇଥିଲେ। ଏଥିସହିତ ଭୋଗରାଇ ନିର୍ବାଚନମଣ୍ଡଳୀର ଭାଜପାର ଜଣେ ଅଭିଜ୍ଞ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରା ନ ଗଲେ ଭାଜପା ଆତ୍ମଘାତୀ ହେବ ବୋଲି ଛାମୁଆ ନେତାମାନେ ପ୍ରକାଶ କରିଥିଲେ। ଭୋଗରାଇ ୫୦ପଞ୍ଚାୟତରୁ ଭାଜପାର ବରିଷ୍ଠଙ୍କ ୩ ଶହରୁ ଉର୍ଦ୍ଧ୍ୱ ଛାମୁଆ ନେତା ଯୋଗଦେବା କନିଷ୍ଠ ନେତାଙ୍କୁ ଶଙ୍କିତ କରିଛି। ବରିଷ୍ଠ ଓ କନିଷ୍ଠଙ୍କ ଭିନ୍ନ ଭିନ୍ନ ମେଳି ଓ ବୈଠକ ଯୋଗୁ ଭାଜପା ସ୍ଥିତି ବିଗିଡିବା ନେଇ ରାଜନୈତିକ ବିଶାରଦମାନେ ମତ ପ୍ରକାଶ କରିଛନ୍ତି।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରମାନେ।

ସୋର,୨୫।୨(ଜନ୍ମେଜୟ ମିଶ୍ର)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ୧୯୭୮ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସୀତାକାନ୍ତ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ୍ତ ଦାସ ଏକ ଆଲୁମ୍ନି କମିଟି କରି ସୀତାକାନ୍ତ ନାୟକଙ୍କୁ ସର୍ବ ସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି କମିଟିରେ ମୋଟ ୫ଜଣ ବନ୍ଧୁଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ପ୍ରତିବର୍ଷ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ୫୪ଜଣ ବନ୍ଧୁ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିବା ସହିତ ପୁରୁଣା ଦିନର ସ୍ମୃତି ବଖାଣି ଥିଲେ। କମଳାକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ସାଂସଦ ଖେଳ ମହାକୁମ୍ଭ



ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

ନୀଳଗିରି,୨୫।୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ପଡ଼ିଆରେ ଚାଲିଥିବା ସାଂସଦ ଖେଳ ମହାକୁମ୍ଭ ଶେଷ ହୋଇଛି। ୫ ଏଥିରେ ଫୁଟବଲ, ଭଲି, କ୍ରିକେଟ, ଉଭୟ ମହିଳା ପୁରୁଷଙ୍କ କବାଡି, ଲଙ୍ଗଜମ୍ପ, ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଖେଳାଳିମାନେ ୨୬ରୁ ୨୯ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ପରମିଟ୍ ପଡ଼ିଆରେ ହେବାକୁ ଥିବା ଖେଳ ମହାକୁମ୍ଭରେ ଭାଗନେଇ ଭବିଷ୍ୟତରେ ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିପାରିବେ। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପ ସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଚନ୍ଦ୍ରବିନ୍ଦୁ ଦାସ, ପଙ୍କଜ କୁମାର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ତାପସ ମହାନ୍ତି, ଦେବାଶିଷ ଆଚାର୍ଯ୍ୟ, ମନୋରଞ୍ଜନ ଦାସ, ଉପେନ୍ଦ୍ର ନାୟକ, ରାମଚନ୍ଦ୍ର ଦାସ ଓ ଚନ୍ଦ୍ରଶେଖର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କାଳୀପଦା,୨୫।୨(ରାଜଶ୍ରୀ ପାଣିଗ୍ରାହୀ)

ଶିକ୍ଷା ହିଁ ଛାତ୍ରୀଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ କରିବାକୁ ଇନ୍ଧନ ଯୋଗାଇଥାଏ। ଭଲ ମଣିଷ ହେବାକୁ ବାଟ ଦେଖାଇଥାଏ ବୋଲି ରବିବାର ବାଲିଆପାଳ ବ୍ଲକ ଖପରାପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଛନ୍ତି। ଶିଶୁ ମନ୍ଦିରର ପ୍ରତିଷ୍ଠାତା ମାନସ କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ.ବିଜୟ କୁମାର ଦେ, ମୁଖ୍ୟ ବକ୍ତା ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନୀୟ ଅତିଥି ଭାବେ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର ସଂସ୍କୃତ ପ୍ରମୁଖ ଶ୍ରୀନିବାସ ପ୍ରଧାନ, ସମ୍ମାନିତ ବକ୍ତା ଅଧ୍ୟାପକ ଡ.ସୁକାନ୍ତ କୁମାର ଗିରି, ଅନୁଷ୍ଠାନର ସମ୍ପାଦକ ବିଦ୍ୟାଧର ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ ଏବଂ ପ୍ରଧାନ ଗୁରୁମା ଅଞ୍ଜନା ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ପରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଜଳଧର ଦେ ଧନ୍ୟବାଦ ଦେଇଥିଲେ।

## ‘ଅବିନଶ୍ୱର’ଲୋକାର୍ପିତ


ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ବାଲେଶ୍ୱର,୨୫।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବଳିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନଠାରେ ଡା.ଲକ୍ଷ୍ମୀକାନ୍ତ ହୋତାଙ୍କ ଦ୍ୱାରା ଅନୂଦିତ ତଥା ମୂଳ ବଙ୍ଗଳା ବ୍ରହ୍ମଚାରୀ ଶାନ୍ତି ପ୍ରକାଶଙ୍କ ରଚିତ ‘ଅବିନଶ୍ୱର’ପୁସ୍ତକ ଫକୀରେମାହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଲୋକାର୍ପିତ ହୋଇଯାଇଛି। ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳ ଅନୁବାଦକ ଡା.ହୋତା ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ବିଶିଷ୍ଟ ଗବେଷକ ଡ.ରମାକାନ୍ତ ନାୟକ ଓ ଫକୀରମାହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ତପନ ରାୟ, ଡ. ହେମମାଳା ଦାଶ, ଶରତ କୁମାର ମହାପାତ୍ର, ମାମିନା ମହାପାତ୍ର, କରୁଣାକର ସ, ସଞ୍ଜୟ ପଣ୍ଡା, ଦୀପକ ଦାସ, ଶାନ୍ତିଲତା ପଣ୍ଡା, ଜ୍ୟୋତ୍ସ୍ନା ରାୟ, ସୁପ୍ରଭା ପଣ୍ଡା, ଅମିତା ହୋତା, ପୂରବୀ ହୋତା, ଯମୁତ୍ରୀ ମିଶ୍ର, ଦେବସ୍ମିତା ମହାପାତ୍ର ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପରିଷଦର ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ।

## ୨୭ରେ ବାଲିଆପାଳ ବନ୍ଦ ଡାକରା

**ଏନ୍‌ଏସି ଘୋଷଣାରୁ ବାଦ୍ ପଡ଼ିବା ନେଇ ପ୍ରତିବାଦ**

ବାଲିଆପାଳ,୨୫।୨ (ଗୋପାଳ ଚନ୍ଦ୍ର ସାହୁ)

ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ନୂଆ ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ୍ ପଡ଼ିଥିବା ପ୍ରତିବାଦରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ଆସନ୍ତା ୨୭ରେ ବାଲିଆପାଳ ବନ୍ଦ ଡାକରା ଦିଆଯାଇଛି। ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ବାଲିଆପାଳକୁ ଏନ୍‌ଏସି ଘୋଷଣା କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକରଙ୍କ ଦ୍ୱାରା ଘୋଷିତ ଏନ୍‌ଏସି ତାଲିକାରୁ ଏହା ବାଦ୍ ପଡ଼ିଛି। ଯାହାକି ବାଲିଆପାଳର ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ ହୋଇଛି। ଏନେଇ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ବାଲିଆପାଳ ବନ୍ଦ ଡାକରା ଦିଆଯାଇଛି। ଏଥିରେ ସମସ୍ତ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ସହିତ ଦଳମତ ନିର୍ବିଶେଷରେ ସମସ୍ତ ଜନ ସାଧାରଣଙ୍କୁ ସାମିଲ ହେବା ପାଇଁ ଅବାହକ ମହାନ୍ତି ନିବେଦନ କରିଛନ୍ତି।

**ମୟୂରଭଞ୍ଜ**

## ତୁଷାରକାନ୍ତ ହେଲେ କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ



ମୋରଡ଼ା,୨୫।୨(ସ୍ମାରକ ମାଝୀ)- ମୟୂରଭଞ୍ଜ ଜିଲା(ପୂର୍ବ) କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ଭାବେ ଯୁବନେତା ତୁଷାରକାନ୍ତ ବେହେରା ନିଯୁକ୍ତ ହୋଇଛନ୍ତି। ଏନେଇ ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରା ଘୋଷଣା କରିଛନ୍ତି। ତୁଷାର ଦୀର୍ଘବର୍ଷ ଧରି କଂଗ୍ରେସରେ କାର୍ଯ୍ୟ କରି ଆସୁଛନ୍ତି। ଆଗାମୀ ଦିନରେ ଦଳ ତା’ର ପୂର୍ବ ସ୍ଥିତି ଫେରି ପାଇବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ସେ ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଏଆଇସିସି ଏସ୍‌ସି ସେଲ୍‌ର ରାଜେଶ ଲିଲଟିଆ, ଜାତୀୟ ସଂଯୋଜକ କେ.ରାଜୁ, ଓଡ଼ିଶା ପ୍ରଭାରୀ ଅଜୟ କୁମାର, ମୟୂରଭଞ୍ଜ ଜିଲା(ପୂର୍ବ) କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଟ୍ରେଲର ପଛରେ ଧକ୍କା ହୋଇ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର, ୨୫।୨ (ମାନସ ମହାନ୍ତି)-ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅଧୀନ ସାନ ଡାଳିମା ଛକ ୨୨୦ ନଂ. ଜାତୀୟ ରାଜପଥରେ ଶନିବାର ରାତିରେ ଅଟକିଥିବା ଏକ ମାଲ୍ ବୋଝେଇ ଟ୍ରେଲର ପଛପଟେ ବାଇକ୍ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାମଦା ଥାନା ଅଧୀନ ବଡ଼ ବୁଲେଇ ରୋ ଗ୍ରାମର ଶାଙ୍ଖ ସର୍ଦାର (୨୯)। ପୋଲିସ ରବିବାର ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏନେଇ ଏକ ମାମଲା ( ନଂ.୩୨/୨୪) ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଏବଂ ଟ୍ରେଲରକୁ ଜବତ କରିଛି।

# ଜୋର ଧରିଲା ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଦାବି

**ଜିଲା କୃଷକ, ଆଦିବାସୀ ବିକାଶ ମହାସମ୍ମିଳନୀ**

ମୋରଡ଼ା,୨୫।୨(ସ୍ମାରକ ମାଝୀ)

ଓଡ଼ିଶା କ୍ଷେତ ମଜଦୁର କିଷାନ ପରିଷଦ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଘାଗରାଠାରେ ଜିଲା କୃଷକ, ଆଦିବାସୀ ବିକାଶ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପରିଷଦର ସଭାପତି ଗଦାଧର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ସଂଘର ସଭାପତି ନରେନ୍ଦ୍ର ମହାନ୍ତ, ବୀରକିଶୋର ବାବୁ, ମୁଖ୍ୟବକ୍ତା ଚାଷୀ ଏବଂ ଆଦିବାସୀ ନେତା ସାଉନା




ଟୁଡୁ, ମନୋରଞ୍ଜନ ହେମ୍ବ୍ରମ, ସୁରାଇ ହେମ୍ବ୍ରମ, ସମରାୟ ସୋରେନ, ଚମ୍ପାଇ ସୋରେନ, ବାଲାଇ ସୋରେନ, ଦୁବରାଜ ମୁର୍ମୁ, ଦୁଃଖିଆ ସୋରେନ, ହରିଆ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ୍ ଜିଲା ହୋଇଥିଲେ ମଧ୍ୟ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ଜିଲାରେ କୃଷି କ୍ଷେତ୍ରକୁ ବିକଶିତ କରିବା ପାଇଁ ଦୀର୍ଘ ୪୦ ବର୍ଷ ପୂର୍ବେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ, କି ଯେଉଁ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ସେଥିରେ ପାଣି ନାହିଁ। ଚାଷୀକୂଳ ହତାଶ ଅବସ୍ଥାରେ ଅଛନ୍ତି। ବୁଢ଼ାବଳଙ୍ଗ, ଜମ୍ବୀରା ନଦୀ ଉପରେ ବ୍ୟାରେଜ ନିର୍ମାଣ ହୋଇନାହିଁ। ସେହିପରି କୌଣସି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇ ନାହିଁ। ଜିଲାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ବିକାଶ ଶୂନ। ଜିଲାରେ ଏକ ବୃହତ୍ ଇସ୍ପାତ କାରଖାନା, ରାସଗୋବିନ୍ଦପୁରଠାରେ ରେଳଡବା ତିଆରି କାରଖାନା, ମୋରଡ଼ାରେ କାଗଜକଳ, ଶୁଳିଆପଦାରେ ରେଶମ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଦାବି କରାଯାଇଛି।

## ସଦ୍‌ଭାବନା ସମିତିର ମାସିକ ମାନସ ମନ୍ଥନ

ବାରିପଦା,୨୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଏକ ହୋଟେଲ ସଭାକକ୍ଷଠାରେ ସଦ୍‌ଭାବନା ସମିତିର ମାସିକ ମାନସ ମନ୍ଥନ ଦିବସ ଅନୁଷ୍ଠିତ ହୋଇଯାଇଛି। ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରହିତ୍ୟରେ ସମିତିର ସମ୍ପାଦକ ସତ୍ୟାନନ୍ଦ ଶେଜପଡା ସ୍ୱାଗତ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଚଳିତ ମାସରେ ଧରାବତରଣ କରିଥିବା ସିଦ୍ଧସନ୍ଥ ଏକନାଥ, ଲମଣ ମହର୍ଷିଙ୍କ ପ୍ରତି ସାମୁହିକ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ପ୍ରବକ୍ତାଭାବେ ଚିପଟଅସ୍ଥିଆ ଠାକୁର ଅନୁକୂଳ ଚନ୍ଦ୍ର ଆଶ୍ରମର ସଂଚାଳକ ବେଣୁଧର ମହାରଣା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସିଦ୍ଧ ସନ୍ଥ କବିଙ୍କ ଧର୍ମ ସାହିତ୍ୟକୁ ସମାଜର କଳଙ୍କ ନଧୋଇ ସିନ୍ଦୁକ ସାଇତା କଲେ ଉତ୍ତର ପୀଢ଼ି ଦୁରାବସ୍ଥାର ଦୁର୍ଗ ଭିତରକୁ ଠେଲି ହୋଇଯିବେ ବୋଲି ମତାମତ ଦେଇଥିଲେ। ଅନନ୍ୟ ପ୍ରବକ୍ତା ଭାବେ ପୁଷ୍ପାରାଣୀ ପାତ୍ର କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତାର ପଂକ୍ତି ସାହିତ୍ୟ ନୁହଁଇ କେବେ ବିନାସିଳତାର ଫୁଲ ପ୍ରସଙ୍ଗ ଉପରେ ବିତର୍କ ରଖି ଏବେକାର ସିନ୍ଦୁର ଲିପା ଆଧୁନିକ ସାହିତ୍ୟ ନାଁରେ କାଗଜ ଚାଷ-ସମ୍ବର୍ଦ୍ଧନା ପ୍ରହସନର ପାଂଶୁଳ ପର୍ବ ତଥା କବିଙ୍କ ନୀତିବିରୋଧ ଏବଂ ସାହିତ୍ୟ ସୌଦାଗର ମାନଙ୍କ କଥାର ହାଟ ବୋଲି ମନ୍ତବ୍ୟ ରଖିଥିଲେ। ସଭା ଶେଷରେ ସମିତିର ସମ୍ପାଦକ ସତ୍ୟାନନ୍ଦ ଶେଜପଡ଼ା ଆଗାମୀ ଏପ୍ରିଲ ୪ ତାରିଖ ୪୫ତମ ମାନବ ଧର୍ମ ମହାସମ୍ମିଳନୀକୁ ସମସ୍ତଙ୍କୁ ନିମନ୍ତ୍ରଣ କରିବା ସହିତ ଶ୍ରଦ୍ଧା ସୁମନାସ ଜ୍ଞାପନ କରିଥିଲେ। ସଭାରେ ପ୍ରାକ୍ତନ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦାମୋଦର ପତି ପ୍ରମୁଖ ବିଦ୍ୱାନ ଯୋଗଦେଇଥିବା ବେଳେ ସହ-ସମ୍ପାଦକ ଇଂ. ସରୋଜ ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ମିଲେଟ୍ସ ମିଶନ ପକ୍ଷରୁ ସନ୍ତରଣ ପ୍ରତିଯୋଗିତା


ପ୍ରତିଯୋଗିତାରେ ସମ୍ମାନିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

ବାରିପଦା,୨୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଦେବେନ୍ଦ୍ରପୁରସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାର ପରିସରରେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୯୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାବେଳେ ୬୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗାରିମା ସାହା, ସାନଭି ମହାପାତ୍ର, ଅନିଲ ମହାନ୍ତ, ସୌମ୍ୟ ସଂକେତ ନାୟକ ଓ ଶ୍ରେୟାଂଶ ମହାପାତ୍ର ସର୍ବାଧିକ ମେଡେଲ ହାସଲ କରିଥିଲେ। ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସମ୍ମାନିତ ଅତିଥିଭାବେ କୃଷି ଜିଲା ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଜିଲା ପ୍ରକଳ୍ପ ସଂଯୋଜକ ଚରଣ ହାଁସଦା, କ୍ରୀଡ଼ାବିତ୍ ସୋମନାଥ ସିଂହ ଓ ଦିବ୍ୟରଞ୍ଜନ ଦାସ ତଥା ଅତିରିକ୍ତ ଜିଲା ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ମହାନ୍ତ ଓ ତ୍ରିଲୋଚନ ଶବର ପୁରସ୍କାର ବିତରଣ କରିବା ସହ ମିଲେଟ ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟକର ଓ ପୁଷ୍ଟିସାର ହୋଇଥିବାରୁ ଖେଳାଳୀମାନଙ୍କ ପାଇଁ ଏହା ବେଶ ଉପଯୋଗୀ ବୋଲି ପ୍ରକାଶ କରିଥିଲେ। ସନ୍ତରଣ କୋଚ ଅଜୟ ଦାସ, ବିକାଶ ହରିପାଲ, ଗୁଲାପି କାଲୋ ଓ ସଂଯୋଜକ ବାପି ରାୟ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଟାଟା ଏସିଇ ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଖୁଣ୍ଟା,୨୫।୨(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ହଳଦିପାଳ ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଭୋଲାଗଡ଼ିଆ ପଞ୍ଚାୟତ ଡ଼ବକ ଗ୍ରାମର କିର୍ତ୍ତନ ନାୟକ (୪୭)। ସେ ରବିବାର ଖୁଣ୍ଟା ସାପ୍ତାହିକ ହାଟକୁ ନିଜର ଉତ୍ପାଦିତ ପରିବା ବିକ୍ରି କରିବା ପାଇଁ ଏକ ବାଇକ ଯୋଗେ ଆସୁଥିଲେ। ଭୋଲାଗଡ଼ିଆ -ଖୁଣ୍ଟା ରାସ୍ତାର ହଳଦିପାଳ ଛକ ବାଙ୍କ ନିକଟରେ ଏକ ଟାଟା ଏସିଇ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ କିର୍ତ୍ତନ ରାସ୍ତା ପାର୍ଶ୍ୱକୁ ଛିଟିକି ପରି ଗୁରୁତର ହୋଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ୩ ନାବାଳକ ସନ୍ତାନ ଥିବା ଜଣାଯାଇଛି। ତେଣୁ ତାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଉଦଳା ସରସ୍ୱତୀ ମେଳା ଆରମ୍ଭ



ଉଦଳା, ୨୫।୨ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ପରେଡ୍ ପଡ଼ିଆରେ ଉଦଳା ସରସ୍ୱତୀ ମେଳା ରବିବାର ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଆଙ୍କାମାଳ ଅଣାଯାଇ ଘଣ୍ଟା ଘଣ୍ଟି, ଶଙ୍ଖ ବଜାଇ ସଂକୀର୍ତ୍ତନରେ ପରିକ୍ରମା ପୂର୍ବକ ମେଳା ଆୟୋଜନ ସ୍ଥାନରେ ଶୋଭାଯାତ୍ରା ପହଞ୍ଚିଥିଲା। ବିଧାୟକ ଭାସ୍କର ମଡ଼େଇ, ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ଓ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡ. ମନୋରଞ୍ଜନ ମଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୧୨ ଦିନ ଧରି ହେବାକୁ ଥିବା ଏହି ମେଳାରେ ଓଡ଼ିଶା, ବିହାର, ବେଙ୍ଗଲ, ଝାଡ଼ଖଣ୍ଡ, ଦକ୍ଷିଣ ଭାରତ, ଉତ୍ତର ଭାରତରୁ ବହୁ ଦୋକାନୀ ଆସିବା ସହ ମୀନାବଜାର ପଡ଼ିଛି। ବିଭିନ୍ନ ସଂସ୍କୃତି ଓ ପରମ୍ପରାଭିତ୍ତିକ ଦୋକାନ ବସିଥିବା ବେଳେ ପିଲାଙ୍କ ପାଇଁ ବିଭିନ୍ନ ଖେଳକୁଦ ବ୍ୟବସ୍ଥା କରାଯାଇଛି।

ଉଦ୍‌ଘାଟନୀ ସଭାରେ ସରସ୍ୱତୀ ମନ୍ଦିର କମିଟି ସଭାପତି ଆଇନଜୀବୀ ବସନ୍ତ କୁମାର ପରିଡ଼ା, ଉପଦେଷ୍ଟା ଯଜ୍ଞ ନାରାୟଣ ମହାନ୍ତି, ହାଡ଼ିବନ୍ଧୁ ପୁଥାଳ, ପ୍ରସନ୍ନ ଦାସ, ପୂର୍ବତନ ନଗରପାଳ ସୌଭାଗ୍ୟ ସାହୁ, ପୂର୍ବତନ ସଭାପତି ସନ୍ତୋଷ ବେହେରା, ଉପସଭାପତି କ୍ଷୀରୋଦ ମହାନ୍ତିଙ୍କ ସହ ସମସ୍ତ କାଉନସିଲର, କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ରବୀନ୍ଦ୍ର ପରିଡ଼ା ପରିଚାଳନା କରିଥିଲେ।

### ଯୋଡ଼ାରେ ଭାଗବତ ସପ୍ତାହ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ଗଣେଶ ଭବନ ନିକଟରେ ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଭାଗବତ ସପ୍ତାହ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରସିଦ୍ଧ ଭାଗବତ କଥାକାର ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଭାଗବତ ପାଠ କରାଯାଇଥିଲା। ମନୁଷ୍ୟ ନିମନ୍ତେ ଭାଗବତ କଥାର ମହତ୍ୱ ଓ ପରୀକ୍ଷିତ ରାଜାଙ୍କୁ ବ୍ରହ୍ମାଙ୍କ ଅଭିଶାପ ବିଷୟରେ କଥା ମାଧ୍ୟମରେ ଶ୍ରବଣ କରାଇଥିଲେ। ଯୋଡ଼ା ତଥା ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କେନ୍ଦୁଝର

## ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଆନନ୍ଦପୁର,୨୫।୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣଷଡ଼ିହାଠାରେ ରବିବାର ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପଣଷଡ଼ିହାର ପୁର୍ଣ୍ଣଚନ୍ଦ୍ର ନାଏକ(୨୭)। ପୁର୍ଣ୍ଣଚନ୍ଦ୍ର ସାଇକେଲରେ କୌଣସି କାମରେ ଯାଉଥିବା ବେଳେ ଏକ ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ କ୍ଷତିପୁରଣ ଦାବିରେ ଲୋକେ ଟ୍ରାକ୍ଟରକୁ ଦୀର୍ଘ ସମୟ ଅଟକ ରଖିଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ଲୋକମାନେ ଜିଦ୍‌ରେ ଅଟଳ ରହିଥିଲେ। ଟ୍ରାକ୍ଟର ମାଲିକ ୮୦ ହଜାର ଟଙ୍କା କ୍ଷତିପୁରଣ ବାବଦକୁ ଦେବାକୁ ଲିଖିତ ସହମତି ପ୍ରକାଶ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ମୃତକଙ୍କ ଭିଣୋଇ ସୁଦର୍ଶନ ସେନାପତିଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ଥାନାରେ ଏକ ମାମଲା(ନଂ.୧୧୩/୨୪)ରୁଜୁ ହୋଇଛି।

# ଜଳ ସମସ୍ୟା ବଢୁଛି

## ସାଧୁପଡ଼ାରେ ନଳକୂପ ସୋଲାର ସିଷ୍ଟମ ଅଚଳ



ପାଟଣା,୨୫।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମର ତଳସାହିରେ ନଳକୂପର ସୋଲାର ସିଷ୍ଟମ ଅଚଳ ହୋଇଯାଇଛି। ଫଳରେ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି। ଗ୍ରୀଷ୍ମ ପ୍ରଭାହ ଆରମ୍ଭ ହୋଇଯାଇଥିବାରୁ ଜଳ ସମସ୍ୟାରେ ଲୋକେ ହନ୍ତସନ୍ତ ହେଉଛନ୍ତି।

ପ୍ରକାଶ ଯେ, ଗ୍ରାମରେ ରହୁଥିବା ୫ ଶହରୁ ଊର୍ଦ୍ଧ୍ୱ ଅଧିବାସୀଙ୍କ ପାଇଁ ଗ୍ରାମରେ ୩ ନଳକୂପ ଖନନ ହୋଇଛି। ସେଥିରୁ ୨ଟିରୁ କଳଙ୍କି ମିଶ୍ରିତ ପାଣି ବାହାରୁଥିବାରୁ ତଳ ସାହିର ଏକ ନଳକୂପରେ ସୋଲାର ସିଷ୍ଟମ ଲଗାଇ ଗାଁକୁ ପାନୀୟ ଜଳ ଯୋଗାଣ ହେଉଥିଲା। ତାହା ୪ ମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ପାଣି ପାଇଁ ପେଟ୍ରୋଲ ପମ୍ପ ନିକଟ ଏକ ଘୋରୋଇ ଟ୍ୟାପ ଉପରେ ନିର୍ଭର କରୁଛନ୍ତି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଜଳ କଷ୍ଟଦୂର ପାଇଁ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଗ୍ରାମର ଦମୟନ୍ତୀ ମହନ୍ତ, ଫୁଲମଣି ସେଠୀ, ଦଶରଥ ମହାନ୍ତ ପ୍ରମୁଖ ଜଣାଇଛନ୍ତି।

## କୂଅ, ନଦୀ ପାଣି ଭରସାରେ ନୟାଗଡ଼ବାସୀ

ଆନନ୍ଦପୁର,୨୫।୨(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମରେ ଜଳସଙ୍କଟ ଦେଖାଦେଇଛି। ଦୀର୍ଘ ମାସ ହେଲା ଗ୍ରାମରେ ଥିବା ୨ ନଳକୂପ ଖରାପ ହୋଇଯାଇଥିବାରୁ ଲୋକେ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଗ୍ରାମର ଶାନ୍ତିଲତା ବିଶ୍ୱାଳ, ସସ୍ମିତା ରାଉତ, ଝିଲି ରାଉତ, ପଦ୍ମିନୀ ରାଉତ, ବାସନ୍ତୀ ରାଉତ, ତିଲୋତ୍ତମା ରାଉତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନୟାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ନଳକୂପ ଦୀର୍ଘ ୩ ମାସ ହେଲା ଅଚଳ ହୋଇପଡ଼ିଛି। ଏନେଇ ବିଦ୍ୟାଳୟ ଫାଟକ ନିକଟରେ ଥିବା ଅନ୍ୟ ଏକ ନଳକୂପ ଉପରେ ଗ୍ରାମର ୫୦ ପରିବାର ସହ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ନିର୍ଭର କରୁଥିଲା, ମାତ୍ର ଉକ୍ତ ନଳକୂପ ମଧ୍ୟ ଏକ ମାସ ହେଲା ଅଚଳ ହୋଇଯାଇଛି। ଗ୍ରାମବାସୀ ଉପାୟ ନ ପାଇ କୂଅ ଓ କୁସେଇ ନଦୀରେ ଚୁଆକରି ପାଣି ବ୍ୟବହାର କରୁଛନ୍ତି। ନଳକୂପ ମରାମତି କରା ନ ଗଲେ ଗ୍ରାମ୍ୟ ଜଳ ପରିମଳ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଥିଲେ।

## ଉପାନ୍ତ ପଞ୍ଚାୟତ ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ

ଚମ୍ପୁଆ,୨୫।୨(ମହେଶ୍ୱର ଦାସ)

ରାଜ୍ୟ ସରକାର ପଞ୍ଚାୟତରୁ ବ୍ଲକ୍ କାର୍ଯ୍ୟାଳୟକୁ ସୁବିଧାରେ ଯିବା ପାଇଁ ଲକ୍ଷ୍ମୀ ବସ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଯାତ୍ରୀମାନେ କମ ମୂଲ୍ୟରେ ବ୍ଲକ୍ ହେଡ୍‌କ୍ୱାର୍ଟରକୁ ପହଞ୍ଚିବାର ବ୍ୟବସ୍ଥା ରହିଛି। ମାତ୍ର ଚମ୍ପୁଆ ବ୍ଲକ୍ ଅଧୀନରେ ଥିବା ଉପାନ୍ତ ପଞ୍ଚାୟତ କୁଟାରିପୋଶି ପଞ୍ଚାୟତବାସୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଲକ୍ଷ୍ମୀ ବସ ସେବା ପାଇବାକୁ ପଞ୍ଚାୟତରୁ ୫ କି.ମି. ଦୂର ଜାମୁଦାଲାକ ପଞ୍ଚାୟତ ଉପରେ ନିର୍ଭର କରିବାକୁ ପଡୁଛି।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ରେ ୨୨ ପଞ୍ଚାୟତ ସମେତ ଗୋଟିଏ ଏନ୍‌ଏସିକୁ ଲକ୍ଷ୍ମୀ ବସ୍ ସେବା ଯୋଡ଼ିବାର ବ୍ୟବସ୍ଥା କରାଯାଇଛି। ମାତ୍ର ବୈତରଣୀ ନଦୀ ଅପରପାର୍ଶ୍ୱରେ ଥିବା ଆଦିବାସୀବହୁଳ କୁଟାରିପୋଶି ପଞ୍ଚାୟତବାସୀ ଏହି ସେବାରୁ ବର୍ତ୍ତମାନ ବଞ୍ଚିତ ହେଉଛନ୍ତି। ଫଳରେ ପଞ୍ଚାୟତବାସୀ ବ୍ଲକ୍ ହେଡ୍‌କ୍ୱାର୍ଟରକୁ ବସ ଯୋଗେ ଆସିବାକୁ ହେଲେ ଜାମୁଦାଲକ ପଞ୍ଚାୟତର ମୁଖ୍ୟ ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଜୟରାମ ଚାତାର କହିଛନ୍ତି, ପଞ୍ଚାୟତରୁ ଦୈନନ୍ଦିନ ବ୍ଲକ୍ ହେଡ୍‌କ୍ୱାର୍ଟରକୁ ପଢ଼ିବାକୁ ଯାଉଥିବା ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟସେବା ଏବଂ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ ପାଇଁ ଯାତାୟାତ କରୁଥିବା ଲୋକମାନେ ହଇରାଣ ହେଉଛନ୍ତି। ଯଦି ଲକ୍ଷ୍ମୀ ବସ୍ ପଞ୍ଚାୟତରେ ଉପଲବ୍ଧ ହୁଅନ୍ତା ତେବେ ପଞ୍ଚାୟତବାସୀ ଉପକୃତ ହୁଅନ୍ତେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାଁସଦା କହିଛନ୍ତି, ଲକ୍ଷ୍ମୀବସ ସେବା ପାଇଁ ଆମେ ରୁଟ୍‌ଚାର୍ଟ ପଠାଇବା ସହିତ ୨୨ ପଞ୍ଚାୟତ ନିମିତ୍ତ ୫ ଗୋଟି ବସ୍ ପ୍ରଦାନ ପାଇଁ ଅନୁରୋଧ କରିଛୁ। ମାତ୍ର ବର୍ତ୍ତମାନ ୨ ଗୋଟି ବସ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାଯିବ।

## ଓଡ଼ିଆ ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା

ପାଟଣା,୨୫।୨(ବୀର କିଶୋର ଦାଶ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିବିଏସଇ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶନିବାରଠାରୁ ଆରମ୍ଭ ହୋଇଛି। ଶନିବାର ପ୍ରଥମ ଦିନରେ ଓଡ଼ିଆ ମାତୃଭାଷା ପରୀକ୍ଷା ହୋଇଥିଲା। ତେବେ ପ୍ରଶ୍ନପତ୍ରରେ ମୁଦ୍ରଣ ଜନିତ ତ୍ରୁଟି ଥିବା ଦେଖିବାକୁ ମିଳିଛି। ଏହା ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଫଳରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶ୍ନପତ୍ରର ୫ ନମ୍ବର ପ୍ରଶ୍ନରେ ରାଜାଙ୍କ ଦରବାର ବଦଳରେ ଦରକାର ଏବଂ ୧୪ ନମ୍ବର ପ୍ରଶ୍ନରେ କଳିଙ୍ଗ ବଦଳରେ କବିଙ୍ଗ ଏବଂ ୮ ନମ୍ବର ପ୍ରଶ୍ନର ସରଳାର୍ଥରେ ଆଖିରେ ବଦଳ ଆଖିଲେ ମୁଦ୍ରଣ ହୋଇଛି। ଏତଦ୍ ବ୍ୟତୀତ ପ୍ରଶ୍ନପତ୍ର ପ୍ରତି ପୃଷ୍ଠାରେ ବିଭାଗ ବଦଳରେ ଇଂରାଜୀ ଭାଷାରେ ସେକ୍ସନ ମୁଦ୍ରିତ କରାଯାଇଛି। ଏଭଳି ତ୍ରୁଟିକୁ ପାଟଣା ଅଞ୍ଚଳର ଜଣାଶୁଣା ଶିକ୍ଷାବିତ୍ ଭରତ ଚନ୍ଦ୍ର ସାହୁ ନିନ୍ଦା କରିବା ସହ ଏହା ସିବିଏସ୍‌ଇ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଗୁରୁତର ଭୁଲ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅବମାନନା ବୋଲି କହିଛନ୍ତି। ଫଳରେ ଛାତ୍ରୀ ଛାତ୍ରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ପୁରୁଣା ଡ୍ରେନେଜ୍ ବ୍ୟବସ୍ଥାରେ ସହରବାସୀ ଅତିଷ୍ଠ

କେନ୍ଦୁଝର,୨୫।୨(ଦୀପକ ମିଶ୍ର)

କେନ୍ଦୁଝର ସହରାଞ୍ଚଳରେ ପୁରୁଣା ଢାଞ୍ଚାରେ ନିର୍ମିତ ଡ୍ରେନେଜ୍ ବ୍ୟବସ୍ଥା ହନ୍ତସନ୍ତ କରୁଛି। ବିଶେଷକରି ବିନା ମାଷ୍ଟର ପ୍ଲାନ୍‌ରେ ହେଉଥିବା ନିର୍ମାଣ ଯୋଗୁ କେନ୍ଦୁଝର ସହରରେ ବର୍ଷା ଦିନିଆ ଜଳ ନିଷ୍କାସିତ ହୋଇପାରୁନାହିଁ। ଲୋକମାନେ ଏକ ପ୍ରକାର ଜଳବନ୍ଦୀ ହୋଇ ପଡ଼ିଥାନ୍ତି। ଜଳବନ୍ଦୀ ପାଇଁ ପୌର ପ୍ରଶାସନ ଯେତିକି ପରିମାଣରେ ଦାୟୀ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ ଏହାର ମୁଖ୍ୟ କାରଣ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, କେନ୍ଦୁଝରଗଡ଼ ପୌରପାଳିକା ୬୦ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ହାରାହାରି କେନ୍ଦୁଝର ସହରର ଜନସଂଖ୍ୟା ୧୦ହଜାର ମଧ୍ୟରେ ସୀମିତ ଥିଲା। ସେ ସମୟର ଜନସାଧାରଣଙ୍କର ଦୃଷ୍ଟିକୁ ଆଖି ଆଗରେ ରଖି ପାନୀୟଜଳ ବଣ୍ଟନ, ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ଜନସଂଖ୍ୟା ୧ ଲକ୍ଷକୁ ଛୁଇଁବାକୁ ବସିଛି। ମାତ୍ର ସେ ଅନୁସାରେ ଟାଉନ ପ୍ଲାନିଂ ଏବଂ ପୌର ପରିଷଦର ସମନ୍ୱୟ ଅଭାବରୁ ପୁରୁଣା ଡ୍ରେନେଜ୍ ବ୍ୟବସ୍ଥା ଲୋକଙ୍କୁ ବିବ୍ରତ କରି ପକାଇଛି। ସହର ମଧ୍ୟରେ ଥିବା ପୁରୁଣାକାଳିଆ ବଡ଼ ବଡ଼ ଡ୍ରେନ୍‌ଗୁଡ଼ିକ ମାଟି, ପଙ୍କ ଆଦିରେ ଭର୍ତ୍ତି ହୋଇଛି। ଅନେକ ଜଳ ନିଷ୍କାସନ ସ୍ଥାନରେ ବାସଗୃହ ଓ ପାଚେରି ନିର୍ମାଣ ଯୋଗୁ ଠିକ୍ ଭାବରେ ଜଳ ନିଷ୍କାସନ ହୋଇପାରୁନି। ପରିଣାମ ସ୍ୱରୂପ କିଛି ବର୍ଷ ତଳେ ପୁରୁଣା ସହରର ୩ ନଂ. ୱାର୍ଡରେ ବର୍ଷାଜଳ ଆସି କୃତ୍ରିମ ବନ୍ୟା ସୃଷ୍ଟି କରିଥିଲା। ଏଥିସହ ମଦନମୋହନପୁର ପାଟଣାରେ ବହୁ ଘରଦ୍ୱାରା ଭାଙ୍ଗିଥିଲା। ଏହାପରେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅପରପଟେ ସହର ମଧ୍ୟରେ ଥିବା ୯ନଂ. ୱାର୍ଡର ସ୍ୱଞ୍ଚି କଲୋନୀ, ବଳଦେବଜୀଉ କଲୋନୀ, କାଶୀପୁର ବ୍ୟାଙ୍କ କଲୋନୀ ଆଦି ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ଜଳମଗ୍ନ ହେବା ସହିତ ଲୋକମାନେ ଘରୁ ଗୋଡ଼ କାଢ଼ି ପାରୁନାହାନ୍ତି। ଠିକ୍ ଭାବରେ ପ୍ଲାନ୍ ମଞ୍ଜୁର ନ କରି ଘର କରିବା ସହିତ ବହୁ ସମୟରେ ଗମନାଗମନ ପାଇଁ ଉଦ୍ଦିଷ୍ଟ ରାସ୍ତାକୁ ପୌରପରିଷଦକୁ ହସ୍ତାନ୍ତର କରାଯାଉନାହିଁ। ଡ୍ରେନେଜ୍ ବ୍ୟବସ୍ଥାକୁ ଲକ୍ଷ୍ୟ କରି ଟାଉନ ପ୍ଲାନ୍ ମଞ୍ଜୁରୀ ଦେବା ସହ କେନ୍ଦୁଝର ସହରରେ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ଆଗକୁ ପରିସ୍ଥିତି ଶୋଚନୀୟ ହେବା ଆଶଙ୍କା

ଭଗ୍ନ ଅବସ୍ଥାରେ ପଡ଼ିଥିବା ଡ୍ରେନ୍ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ମତପ୍ରକାଶ ପାଇଛି। ନଚେତ ବର୍ଷା ଦିନରେ ପରିସ୍ଥିତି ଶୋଚନୀୟ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସାନିଟାରୀ ଇନ୍ସପେକ୍ଟର ବାଲ୍ୟ ମୁକୁନ୍ଦ ମିଶ୍ର କହିଛନ୍ତି, କେନ୍ଦୁଝର ସହରରେ ବହୁ ଆଗରୁ ବିନା ପ୍ଲାନ୍‌ରେ ଅନେକ ଘର ଗଢି ଉଠିଥିଲା। ସେତେବେଳେ ଲୋକଙ୍କ ଦୂରଦୃଷ୍ଟି ନ ଥିବାରୁ ଡ୍ରେନେଜ ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ତେବେ ଡ୍ରେନେଜ ପାଇଁ ମାଷ୍ଟର ପ୍ଲାନ ହୋଇଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ।

## ସଡ଼କ କାର୍ଯ୍ୟ ତଦାରଖ କଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଦେଷ୍ଟା

ଆନନ୍ଦପୁର,୨୫।୨(ଉମେଶ ଚନ୍ଦ୍ର ପାଢ଼ୀ): ଆନନ୍ଦପୁର ଘସିପୁରା ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଦେଷ୍ଟା ସବିତା ମହାପାତ୍ର ବସନ୍ତପୁରଠାରୁ ଦଳକି ସାହି ଓ ହାଟଡ଼ିହୀ ଗ୍ରାମ୍ୟ ଉନ୍ନୟନ ବିଭାଜନର ତରତରା ଛକଠାରୁ ବଞ୍ଚୋ ମଝି ସାହି ପର୍ଯ୍ୟନ୍ତ ରାସ୍ତାକୁ ପରିଦର୍ଶନ କରି ତଦାରଖ କରିଥିଲେ। ସରପଞ୍ଚ କିଶୋର ଚନ୍ଦ୍ର ରାଉତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କନିଷ୍ଠଯନ୍ତ୍ରୀ ସରୋଜ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅସିତ ପାତ୍ର, ଠିକାଦାର ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହାଟଡ଼ିହୀରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣା କର ନନ୍ଦ, ଠିକାଦାର ଲମ୍ବୋଧର ଶଙ୍ଖୁଆ ପ୍ରମୁଖ ଉପସ୍ଥିତ ଥିଲେ।

ଭଦ୍ରକ

# ୨୭ରେ ୧୨ ଘଣ୍ଟିଆ ବରପଦା ବନ୍ଦ

### ବିକାଶ ମଞ୍ଚର ଚେତାବନୀ

ଭଦ୍ରକ,୨୫।୨ (ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜର ଆର୍ଥିକ ଅନିୟମିତତାକୁ ନେଇ ବରପଦା ବିକାଶ ମଞ୍ଚ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯାଇଛି। ଆସନ୍ତା ୨୭ ତାରିଖରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବରପଦା ବନ୍ଦ କରାଯିବ ବୋଲି ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ରବିବାର ଭଦ୍ରକ ସହର ବନ୍ତଛକସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆହୂତ ଏହି ସମ୍ମିଳନୀରେ କଲେଜର ପୂର୍ବତନ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ତଥା ରାନ୍ଧିଆ ପଞ୍ଚାୟତର ସମିତିସଭ୍ୟ ଶ୍ରୀଧର ନାୟକ କହିଥିଲେ, ବରପଦା କଲେଜକୁ କୌଣସି ବ୍ୟକ୍ତି ନିଜ ପକେଟ୍‌ରୁ ଟଙ୍କାଟିଏ ମଧ୍ୟ ଦାନ କରିନାହାନ୍ତି। ପୂର୍ବରୁ ସାଧାରଣ ଲୋକ ଦାନ କରିଥିବା ଜମି, ସରକାରଙ୍କ ଶିଳ୍ପ ବିଭାଗ ମାନରେ ଥିବା ସରକାରୀ ଜମି ଓ କୋଠାବାଡ଼ି ଉପରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହୋଇଥିଲା। ଏହି କଲେଜରେ ବିଧାୟକଙ୍କ ପରିବାର ଦ୍ୱାରା ହୋଇଥିବା ଦୁର୍ନୀତିର ଇଡି ତଦନ୍ତ କରିଥିବା ବେଳେ ବିଜେଡି ସେମାନଙ୍କୁ ଦଳରୁ ବହିଷ୍କାର କରିବାକୁ ସେ ଦାବି କରିଛନ୍ତି।




ଖବରଦାତା ସମ୍ମିଳନୀରେ ବିକାଶ ମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ।

ବିକାଶ ମଞ୍ଚର ସଭାପତି ଯୁଧିଷ୍ଠିର ପଣ୍ଡା ଏହି ଇଞ୍ଜିନିୟରିଂ କଲେଜକୁ ସରକାରୀ କଲେଜ ଘୋଷଣା ସହ ଦୁର୍ନୀତିରେ ସମ୍ପୃକ୍ତ ସମସ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ଜଣାଇଛନ୍ତି। ବରପଦା ବଜାର ବନ୍ଦ ସହ ଆବଶ୍ୟକ ହେଲେ ଆଗାମୀ ଦିନରେ ଭଦ୍ରକ ବନ୍ଦ କରାଯିବ, ଜିଲାପାଳଙ୍କ ଅଫିସ ଓ ନବୀନ ନିବାସ ଆଗରେ ଧାରଣା ଦିଆଯିବ ବୋଲି ସେ କହିଥିଲେ। ବିଜୟ ରାଉତ କଲେଜର ପରିଚାଳନାଗତ ତ୍ରୁଟି ଓ ସରକାରୀ ଅଧିକାରୀଙ୍କ ନିରବତାକୁ ନିନ୍ଦା କରିବା ସହ ଏହି ତଦନ୍ତରେ ଅନେକ ନେତା, ଅଧିକାରୀ ଓ ବ୍ୟବସାୟୀ ଧରାପଡ଼ିବେ ବୋଲି କହିଥିଲେ। ପୂର୍ବତନ କର୍ମଚାରୀ ଜୟୀରାମ ବିଶ୍ୱାଳଙ୍କ ସହ ଚାକିରି ହରାଇଥିବା କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କୁ ପେନ୍‌ସନ, ଅବସରକାଳୀନ ସହାୟତା ଦାବି

ଚାନ୍ଦବାଲି, ୨୫।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିର ବାଲିଗାଁରେ ଦେୱାନୀ ଓ ଫୌଜଦାରୀ କୋର୍ଟ ପରିସରରେ ରବିବାର ବାର୍ ଆସୋସିଏଶନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି ଯୋଗଜ୍ୟୋତି ବେହୁରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଭଦ୍ରକ ବାର୍ ଆସୋସିଏଶନ ସଭାପତି ନିରାକାର ଜେନା ଯୋଗଦେଇ ଆଇନଜୀବୀମାନଙ୍କୁ ପେନ୍‌ସନ ଓ ଅବସରକାଳୀନ ସହାୟତା ପ୍ରଦାନ କରାଯାଉ ବୋଲି ଦାବି ରଖିଥିଲେ। ବିଶେଷ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଥାନାଧିକାରୀ ପଞ୍ଚାନନ ମହାନ୍ତି, ବାର୍ ଆସୋସିଏଶନ ସମ୍ପାଦକ ପ୍ରିୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଓକିଲାତି ବୃତ୍ତି କ୍ଷେତ୍ରରେ ଘଟୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଅଭିମନ୍ୟୁ ଦ୍ୱିବେଦୀ ଓ ସ୍ୱର୍ଗତ ଶଶିକାନ୍ତ ସାମଲଙ୍କ ଫଟୋଚିତ୍ର ଉନ୍ମୋଚନ କରାଯାଇଥିଲା।




ବାର୍ ଆସୋସିଏଶନ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

## 'ଭୋଟ୍ ରାଜନୀତି ପାଇଁ ଏନ୍‌ଏସିରୁ ବାଦ୍ ପଡ଼ିଲା'

### ବନ୍ତ ସଦର ମହକୁମାକୁ ଅଣଦେଖା

ବନ୍ତ,୨୫।୨(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲାର ବନ୍ତ ସଦର ମହକୁମାକୁ ସବୁବେଳେ ଅଣଦେଖା କରାଯାଇଆସୁଛି। ଏଠାରେ କୌଣସି ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ କରାଯାଉ ନାହିଁ। ଶେଷରେ ଭୋଟ୍ ରାଜନୀତି ପାଇଁ ଏନ୍‌ଏସି ମାନ୍ୟତାରୁ ବାଦ୍‌ଦିଆଯାଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ବିରୋଧୀ ନେତା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର ରାଜ୍ୟ ସରକାର ୨୦ ଜିଲାରେ ୩୪ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ସେଥିମଧ୍ୟରେ ବହୁ ବର୍ଷ ହେବ ଦାବି ହୋଇଆସୁଥିବା ବନ୍ତକୁ ବାଦ୍ ଦିଆଯାଇଛି। ୧୯୬୧ରେ ବନ୍ତ ପଞ୍ଚାୟତ ସମିତି ଗଠନ ହୋଇଥିଲା। ସଦର ମହକୁମାରେ ପଞ୍ଚାୟତ ସମିତି, ତହସିଲ, ସବ୍ ରେଜେଷ୍ଟ୍ରି ଅଫିସ, ଥାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀ, ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ, ଉପଡାକଘର, କଲେଜ, ୩ ହାଇସ୍କୁଲ ଏବଂ ୪ ବ୍ୟାଙ୍କ ରହିଛି। ସଦର ମହକୁମା ମଧ୍ୟ ଦେଇ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ଯାଇଛି। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବା ନେଇ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଏପରି ସ୍ଥଳେ ରାଜ୍ୟ ସରକାର ବନ୍ତକୁ ଏନ୍‌ଏସି ମାନ୍ୟତା ନ ଦେବା ଦୁଃଖର ବିଷୟ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା କହିଛନ୍ତି, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଏହାକୁ ଏନ୍‌ଏସି ମାନ୍ୟତା ନ ମିଳିବା ଦୁଃଖଦ ଓ ଦୁର୍ଭାଗ୍ୟଜନକ ବିଷୟ। ସରକାରୀ ଦଳର ରାଜନେତା ଓ ସ୍ଥାନୀୟ ବିଧାୟକଙ୍କ ଆନ୍ତରିକତାର ଅଭାବ ରହିଛି। ଭୋଟ୍ ରାଜନୀତିରେ ବନ୍ତ ଅଞ୍ଚଳର ଜନତାଙ୍କୁ ବଞ୍ଚିତ କରାଯାଇଥିବା ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା କହିଛନ୍ତି। ସଦର ମହକୁମାରେ ଏନ୍‌ଏସି ପାଇଁ ବିଧାୟକ ଚାହୁଁନାହାନ୍ତି ବୋଲି ବ୍ଲକ କଂଗ୍ରେସ ଉପସଭାପତି ନିରଞ୍ଜନ ମଲ୍ଲିକ କହିଛନ୍ତି।

## 'ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହେବା ପ୍ରକୃତ ନେତୃତ୍ୱ'

### ତାଳପଦାରେ ବିଜେଡିର କର୍ମୀ ସମ୍ମିଳନୀ

ତିହିଡ଼ି,୨୫।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତାଳପଦା ପଞ୍ଚାୟତର କାନ୍ତକବିଙ୍କ ପୀଠରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟଶ୍ରୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଲୋକଙ୍କ ସୁଖଦୁଃଖରେ ଭାଗୀଦାର ହେବା ପ୍ରକୃତ ନେତୃତ୍ୱ ବୋଲି କହିବା ସହ ନିରନ୍ତର ସେବା କରୁଥିବା ବିଜେଡିର ସମ୍ଭାବ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ରହିବାକୁ କହିଥିଲେ। ବରେଣ୍ୟ ଅତିଥି ଭାବେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲା ସଂଯୋଜକ ଡା.ସଞ୍ଜୟ କୁମାର ଦାସ ଯୋଗଦେଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ନିର୍ବାଚନରେ ପୁଣିଥରେ କ୍ଷମତାସୀନ କରାଇବାକୁ ନିବେଦନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସମିତିସଭ୍ୟ ଚିନ୍ତାମଣି ଦାସ, ପୂର୍ବତନ ସରପଞ୍ଚ ବାଣୀକଲ୍ୟାଣ ମହାପାତ୍ର, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀ ଜେନା, ସମ୍ପାଦିକା ସ୍ୱର୍ଣ୍ଣଲତା ପତି, ହୃଦାନନ୍ଦ ପୁହାଣ, ସୁଶାନ୍ତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ଗୌରହରି ମହାନ୍ତି, ରାକେଶ ମହାପାତ୍ର, ପ୍ରଶାନ୍ତ ଜେନା, ମଧୁସୂଦନ ଜେନା, ଜଗବନ୍ଧୁ ମାଝୀ, ତପନ ମାଝୀ, ଜଗବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।




କର୍ମୀ ସମ୍ମିଳନୀରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

## ଶିକ୍ଷାବିତ୍, ସାହିତ୍ୟିକ ନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ।

ଭଣ୍ଡାରିପୋଖରୀ, ୨୫।୨ (ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ଆଦର୍ଶ ଶିକ୍ଷକ, ସାହିତ୍ୟିକ, ରମ୍ୟ ରଚନାକାର ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାମଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ନାରାୟଣ ଶିକ୍ଷା କ୍ଷେତ୍ରରେ ଯେପରି ନିପୁଣ ଥିଲେ, ସାହିତ୍ୟ ଓ ସଙ୍ଗଠନ କ୍ଷେତ୍ରରେ ମଧ୍ୟ ଧୁରନ୍ଧର ଥିଲେ। ତାଙ୍କର ଆଦର୍ଶ ପାଇଁ ସେ ସବୁଠି ପୂଜ୍ୟ ବୋଲି ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଡିଏସ୍‌ପି ପ୍ରଭାତ ବିଶ୍ୱାଳ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଭାଜପା ନେତା ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ଦାସ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଗୋଲକ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗୋଲକ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, କବି ମୁରଲୀଧର ଦାସ, ପବନ ନାୟକ, ନୃସିଂହ ସାମଲ, ରାଜେନ୍ଦ୍ର ଶତପଥି, ସୁବୋଧ ସାମଲ, ବିଜୟ ସାମଲ, ପୁଅ ମାନସ ସାମଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାମଲଙ୍କ ଝିଅ ପ୍ରଧାନଶିକ୍ଷୟିତ୍ରୀ ମନୋରମା ସାମଲ, ପୁଅ ମନୋଜ ସାମଲ, ଖବରଦାତା ମନୋରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

